# Akashvani, Sambalpur

# SAMBALPURI NEWS BULLETIN

## 16 May 2024- 6.47- 6.52 am.

**********************************************

ପହେଲା ଖେପ୍ ମତଦାନ୍- ଭୋଟ୍ ପ୍ରତିଶତ୍

ଆର୍ଏନ୍ୟୁ /  ସମ୍ବଲପୁର

ରାଏଜେ ହେଇଥିବା ପହେଲା ଖେପ ନିର୍ବାଚନ୍ଥି ୭୫ ଦଶ୍ମିକ୍ ୬/୯ ପ୍ରତିଶତ୍ ଭୋଟ୍ ହେଇଛେ । ଇ ଭୋଟ୍ ହାର ଗଲା ୨୦୧୯ ମସିହା ନୁ ୨ ପ୍ରତିଶତ୍ ଅଏତ୍କା ଆଏ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚ୍ନା ଦେଇଛନ୍ । ଶ୍ରୀ ଧଳ କହିଛନ୍ ଯେ, ରାଏଜେ ପହେଲା ଖେପର୍ ମତଦାନ୍ଥି ପୁରୁଷମାନ୍କର୍ନୁ ମହିଳାମାନେ ଅଏତ୍କା ଭୋଟ୍ ଦେଇଛନ୍ । ମୋଟ୍ ୨୩ ଲାଖ୍ ୩୨ ହଜାର୍ ପୁରୁଷ ମତଦାନ୍ କରିଥିବାର୍ ବେଲେ ୨୪ ଲାଖ୍ ୨୬ ହଜାର୍ ମହିଳା ମତଦାନ୍ କରିଛନ୍ । ସେନ୍ତା ରାଜ୍ୟର୍ ସ୍ୱାଭିମାନ୍ ଅଂଚଲ୍ ନ ମତଦାନ୍ ହାର ଖୋବ୍ ଭଲ୍ ରହିଛେ । ଜନଜାତି ସମୁଦାୟର୍ ଲୁକେ ଉସ୍ନାକି

ସହେତେ ଭୋଟ୍ ଦେଇକରି ଗଣତନ୍ତ୍ରର୍ ମହାପର୍ବଁଥି ସାମିଲ୍ ହେଇଛନ୍ ବଲି ଶ୍ରୀ ଧଳ କହିଛନ୍ ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ - ଓଡ଼ିଶା ଆର୍ଏନ୍ୟୁ / ସମ୍ବଲପୁର

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଭୁବ୍ନେଶ୍ୱର୍ ନ ଆଏଜ୍ ରୋଡ୍ ସୋ କର୍ବେ । ସଖାଲର୍ ୯ ବଜେ ମାଉସୀମା ମନ୍ଦିର୍ନୁ ଲିଙ୍ଗରାଜ୍ ମନ୍ଦିର୍ତକ୍ ହେବାର୍କେ ଥିବା ଇ ରୋଡ୍ ସୋ’ ଲାଗି ସବୁପ୍ରକାର୍ ଆୟୋଜନ୍ ସରିଯାଇଛେ ବଲି ବିଜେପି ରାଜ୍ୟ ଉପସଭାପତି ଗୋଲକ୍ ମହାପାତ୍ର ସୂଚ୍ନା ଦେଇଛନ୍ । ରୋଡ୍ ସୋ ସର୍ଲା ଉତ୍ରୁ ଶ୍ରୀ ନଡ୍ଡା ମଏଧାନେ ବର୍ଗଡ୍, ପଦମ୍ପୁର୍ ଆର୍ ସୁନ୍ଦର୍ଗଡ୍ ନ ହେବାର୍କେ ଥିବା ବିଜୟ ସଂକଳ୍ପ ସମାବେଶ୍କେ ସମ୍ବୋଧିତ୍ କର୍ବେ । ସେନ୍ତା ଆସାମ୍ର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆଏଜ୍ ଆର୍ ଆଏବା କାଏଲ୍ ଓଡ଼ିଶାର୍ ମୋଟ୍ ୯ ଟା ଜାଗା ନ ହେବାର୍କେ ଥିବା ଜନସଭାମାନ୍କେ ସମ୍ବୋଧିତ୍ କର୍ବେ । ଛତିଶ୍ଗଡ୍ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆଏଜ୍ ବର୍ଗଡ୍ ଜିଲ୍ଲାର୍ ବିଜେପୁର୍, ସୋନ୍ପୁର୍

ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍ ଆର୍ ଆଏବା କାଏଲ୍ ସୁନ୍ଦର୍‌ଗଡ୍ ଜିଲ୍ଲାର୍ ତଲ୍‌ସରା, ସୁନ୍ଦର୍‌ଗଡ଼୍ ଆର୍ ରାଜ୍‌ଗାଙ୍ଗପୁର୍ ଠାନେ ହେବାର୍‌କେ ଥିବା ଜନସଭାକେ ସମ୍ବୋଧିତ୍ କର୍‌ବେ ବଲି ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ- ରୋଡ଼୍ ଶୋ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜେଡ଼ି ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏଜ୍ ବେଲ୍‌ବୁଡ଼େ ଭୁବ୍‌ନେଶ୍ୱର୍ ନ ଗୁଟେ ରୋଡ଼୍ ସୋ କର୍‌ବେ । ଗଙ୍ଗନଗର୍ ଛକ୍‌ନୁ ବାହାରିକରି ଇ ରୋଡ଼୍ ସୋ ଜୀବନ୍ ବୀମା କାର୍ଯ୍ୟାଲୟ, ଗୋପବନ୍ଧୁ ଛକ, ଡିଏଭି ଛକ, ନିକୋପାର୍କ ଦେଇକରି ରୂପାଲି ଛକ୍‌ତକ୍ କରାଯିବା ।

ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ଆର୍‌ଏନ୍‌ୟୁ / ସମ୍ବଲପୁର

ଅଖିଲ୍ ଭାରତୀୟ କଂଗ୍ରେସ୍ କମିଟିର୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ଆଏଜ୍ ନିର୍ବାଚନୀ ପ୍ରଚାର୍ ଲାଗି ଓଡ଼ିଶା ଗସ୍ତ୍‌ଥି ଆସୁଛନ୍ । ଶ୍ରୀ ଖଡ଼୍‌ଗେ କନ୍ଧମାଲ୍ ନ ଗୁଟେ ଜନସଭାକେ ସମ୍ବୋଧନ୍ କର୍‌ବେ । ଇତାର୍‌ସହେତେ ଭୁବ୍‌ନେଶ୍ୱର୍ ଠାନେ

ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ବଲି  କଂଗ୍ରେସ୍‌ର ରାଜ୍ୟ ପ୍ରଭାରୀ ଅଜୟ କୁମାର୍ କହିଛନ୍ ।

ଜାତୀୟ ଡେଙ୍ଗୁ ଦିବସ୍            ଆର୍‌ଏନ୍‌ୟୁ ସମ୍ବଲପୁର୍

 ଆଏଜ୍ ଜାତୀୟ ଡେଙ୍ଗୁ ଦିବସ୍ । ଡେଙ୍ଗୁ ବାବ୍‌ଦେ ଲୁକ୍‌କୁ ସଚେତନ୍  କର୍‌ବାର୍ ଲାଗି ଫି ବଛର୍ ଇ ଦିବସ୍ ପାଲନ୍ କରାଯାଏସି । ଜର୍ ସହେତେ ମୁଣ୍ଡ୍‌ଦୁଖା ଆର୍ ବାନ୍ତି ହେବା, ମୁହୁଁ ଆର୍ ନାକୁ ରକତ୍ ବାହାର୍‌ବାର୍ ସହେତେ ଭୋକ୍ ମରିଯିବାର୍ ଆର୍ ପ୍ଲେଟ୍‌ଲେଟ୍ କମିଯିବାର୍‌ଟା ହେଉଛେ ଡେଙ୍ଗୁର୍ ଲକ୍ଷଣ୍ । ଇତାର୍‌ଭିତ୍‌ରୁ କେନ୍‌ସି ଲକ୍ଷଣ୍ ଦେଖାଦେଲେ ପରୀକ୍ଷା କରେଇନେବାର୍‌କେ ସ୍ୱାସ୍ଥ୍ୟବିଭାଗ୍ ତର୍‌ଫୁ କୁହାଯାଇଛେ । ସ୍ୱଚ୍ଛ ପରିବେଶ୍, ନିୟମିତ ମଶାରୀ ବେଭାର୍ କର୍‌ବାର୍ ଆଉ ଡେଙ୍ଗୁର୍ ଲକ୍ଷଣ୍ ଦେଖାଦେଲେ ସାଙ୍ଗେସାଙ୍ଗ ଡାକ୍ତର୍‌ଙ୍କର୍ ନ ପରୀକ୍ଷା କରେଇକରି ଡେଙ୍ଗୁ ନୁ ସୁରକ୍ଷିତ୍ ରହିହେବା ।

ଏଛେନ୍ ରାଏଜେ ୪୦ ଟା ପରୀକ୍ଷା କେନ୍ଦ୍ର ନ ଡେଙ୍ଗୁ ପରୀକ୍ଷଣ୍ କରାଯାଉଛେ । ଦର୍‌କାର୍ ପଡ଼୍‌ଲେ ଆହୁରି ପରୀକ୍ଷଣ୍ କେନ୍ଦ୍ର

ଖୁଲାଯିବା ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ କୁହାଯାଇଛେ । ଡେଙ୍ଗୁ ଦିବସ୍ ଲାଗି ଇ ବଛ୍ରର୍ ବାର୍ତା ରହିଛେ 'ଲକ୍ଷଣ୍ ଆର୍ ଚିକିତ୍ସା' ।

ସ୍ନାତକୋତର ଡାକ୍ତରୀ ପାଠ୍ୟକ୍ରମ୍ ସିଟ ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ଥିବା ମେଡ଼ିକାଲ୍ କଲେଜ୍ ମାନ୍‌କୁ ଆଏବା ଶିକ୍ଷାବଛର୍ ୨୦୨୪-୨୫ ନୁ ନୂଆଁ ସ୍ନାତକୋତର ପାଠ୍ୟକ୍ରମ୍ ଖୁଲାଯିବା । ଇତାର୍ସହେତେ ପିଜି ସିଟ୍ ସଂଖ୍ୟା ଭିଲ୍ ବଢ଼୍‌ବା ବଲି ଜାତୀୟ ମେଡ଼ିକାଲ୍ ଆୟୋଗ୍- ଏନ୍ଏମ୍ସିର ମେଡ଼ିକାଲ୍ ଆସେସ୍‌ମେଂଟ୍ ଏଣ୍ଡ୍ ରେଟିଂ ବୋର୍ଡ୍- ଏମ୍ଏଆର୍ବି ତର୍ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାର୍ କରାଯାଇଛେ । ଇ ବାବ୍‌ଦେ ଏନ୍ଏମ୍ସି ଆର୍ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ରାଜ୍ୟର୍ ସବୁ ମେଡ଼ିକାଲ୍ କଲେଜ୍‌ମାନ୍‌କୁ ଚିଠି ଲେଖିକରି ଜନେଇଛନ୍ ।

ଇଗ୍ନୋ ନାଁ ଲେଖା ଆର୍ଏନ୍ୟୁ / ସମ୍ବଲପୁର

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ - ଇଗ୍ନୋ ତର୍ଫୁ ଚଲ୍‌ତି ବଛର୍‌ର ଭିନ୍ ଭିନ୍ ପାଠ୍ୟକ୍ରମ୍ ଲାଗି ଗଲାକାଏଲ୍‌ନୁ

ଅନ୍‌ଲାଇନ୍ ଜରିଏ ନାଁ ଲେଖା ମୁଲ୍ ହେଇଛେ । ନାଁଲେଖା କାମ୍ ଆଏବା ଜୁନ୍ ମାସର୍ ୩୦ ତାରିଖ୍‌ତକ୍ ଚାଲ୍‌ବା ବଲି ଇଗ୍ନୋ ତରଫୁ ସୂଚ୍‌ନା ଦିଆଯାଇଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ କାର୍ଯ୍ୟାଲୟ ଅଧୀନ୍‌ଥି ଥିବା ୧୫ ଟା ଜିଲ୍ଲାର୍ ୪୦ ଟା ଷ୍ଟଡି ସେଂଟର୍ ଲାଗି ନାଁ ଲେଖା ହେବା ।

ଓମ୍ ବିର୍ଲା- ସମ୍ବଲପୁର          ଆର୍‌ଏନ୍‌ୟୁ /  ସମ୍ବଲପୁର

ଭାରତ୍‌ର ଅର୍ଥନୀତି ୧୧ ନମ୍ବର୍‌ନୁ ଏଛେନ୍ ୫ ନମ୍ବର୍‌କେ ଆସିଛେ । ଦେଶ୍ ଟେକ୍ନୋଲୋଜିଥି ପୁର୍‌ଥି ନ ସବୁନୁ ଭଲ୍ ପ୍ରଦର୍ଶନ୍ କରୁଛେ ବଲି ବରିଷ୍ଠ ବିଜେପି ନେତା ଆଉ ଲୋକ୍‌ସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ । ଗଲାକାଏଲ୍ ସମ୍ବଲ୍‌ପୁର୍ ନ ହେଇଥିବା ମିଶନ୍ ଫର୍ ନେସନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ସେ କହିଛନ୍ ଯେ, ଓଡ଼ିଶା ନ ବିଜେପି ସର୍‌କାର୍ ଗଠନ୍ ହେଲେ ରାଜ୍ୟର୍ ଜବର୍ ବିକାଶ୍ ହେଇପାର୍‌ବା । ଇ କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ବିଧାନ୍‌ସଭା ଆସନ୍‌ର ବିଜେପି ପ୍ରାର୍ଥୀ ଜୟନାରାୟଣ୍ ମିଶ୍ର ଭିଲ୍ ଯୋଗ୍ ଦେଇଥିଲେ ।

ଝାର୍ସୁଗୁଡ଼ା- ଦିଲ୍ଲୀ ଇଣ୍ଡିଗୋ ବିମାନ ଆର୍ଏନ୍ୟୁ / ସମ୍ବଲପୁର

ଝାର୍ସୁଗୁଡ଼ା- ଦିଲ୍ଲୀ ଇଣ୍ଡିଗୋ ବିମାନ୍ ସେବା ଗଲାକାଏଲ୍‌ନୁ ଫେର୍‌ଘାଏ ମୁଲ୍ ହେଇଛେ । ଗଲାକାଏଲ୍ ଧାରିଜ୍ ସମିଆ ଉପର୍‌ବେଲା ୩ ବାଜିକରି ୨୦ ମିନିଟ୍‌ଥି ଦିଲ୍ଲୀନୁ ବିମାନ୍ ବାହାରିକରି ବେଲ୍‌ବୁଡ଼ାର୍ ୫ ବାଜିକରି ୪୫ ମିନିଟ୍‌ଥି ଝାର୍ସୁଗୁଡ଼ା ନ ପୁହୁଁଚିଥିଲା । ହପ୍ତାର୍ ସବୁ ଦିନ ଇ ବିମାନ୍ ଚଲାଚଲ୍ କର୍‌ବା ବଲି ବିମାନ୍ ବନ୍ଦର୍ ନିର୍ଦ୍ଦେଶକ୍ ଶ୍ରୀ ତିଓ୍ୱାରୀ କହିଛନ୍ ।

ହୋମ୍ ଭୋଟିଂ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସାଧାରଣ୍ ନିର୍ବାଚନ୍ ଲାଗି ସୁବର୍ଣ୍ଣପୁର୍ ଜିଲ୍ଲାନ ୪୦ ପ୍ରତିଶତ୍‌ନୁ ଅଏତ୍‌କା ଅକ୍ଷମତା ଥିବା ଦିବ୍ୟାଙ୍ଗ ଆଉ ୮୫ ବଛର୍‌ନୁ ଅଏତ୍‌କା ବୟସର୍ ଭୋଟର୍ ମାନ୍‌କର୍ ଲାଗି ହୋମ୍ ଭୋଟିଂ ଆଉ ପୋଷ୍ଟାଲ୍ ଭୋଟିଂ ମୁଲ୍ ହେଇଛେ । ଇଥିର୍‌ଲାଗି ବୀର୍‌ମହାରାଜ୍‌ପୁର୍ ନିର୍ବାଚନ୍ ମଣ୍ଡଲୀ ନ ୧୨ ଝନ୍ ବରିଷ୍ଠ ନାଗରିକ ଆର୍ ୧୦ ଝନ୍ ଦିବ୍ୟାଙ୍ଗ, ସୋନ୍‌ପୁର୍ ନିର୍ବାଚନ୍

ମଣ୍ଡଲୀ ନ ୨୮ ଝନ୍ ବରିଷ୍ଠ ନାଗରିକ ଆର୍ ୧୪ ଝନ୍ ଦିବ୍ୟାଙ୍ଗ ଭୋଟର୍‌ଙ୍କୁ ମିଶେଇକରି ୬୪ ଝନ୍ ମତଦାତା ନିଜର୍ ଘରୁ ମତଦାନ୍ କର୍‌ବାର୍‌କେ ତାଲିକାଭୁକ୍ତ ହେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ୧୯ ତାରିଖ୍‌ନୁ ରାଜ୍ୟର୍ ବଡ଼ଭାଗି ଜାଗା ନ ତାତି ୨ ନୁ ୪ ଡିଗ୍ରୀ ସେଲ୍‌ସିଅସ୍‌ତକ୍ ବଢ଼୍‌ବାର୍ ସହେତେ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଗଲାକାଏଲ୍ ନୂଆପଡ଼ା ନ ଦିନର୍ ଜହ ତାତି ୪୨ ଦଶ୍‌ମିକ୍ ୨ ଡିଗ୍ରୀ ରେକର୍ଡ଼୍ ହେଇଥିଲା ବେଲେ ବଲାଙ୍ଗିର୍, ସୁନ୍ଦର୍‌ଗଡ଼୍, ସମ୍ବଲ୍‌ପୁର୍ ଆର୍ ଝାର୍‌ସୁଗୁଡ଼ାର୍ ତାତି ୪୦ ଡିଗ୍ରୀ ଉପ୍‌ରେ ରହିଥିଲା ।